# ଓଡ଼ିଶା ବିଧାନସଭା

## ପ୍ରଥମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୦୪ ସେପ୍ଟେମ୍ବର ୨୦୨୪

----

**[କୃଷି ଓ କୃଷକ ସଶକ୍ତିକରଣ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ଶକ୍ତି - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ଜୈବିକ କୃଷିର ପ୍ରସାର

***541 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ୨୦୧୮ ଜୈବିକ କୃଷି ପଲିସି ଆସିବା ପରଠାରୁ ଏହାର କଣ କଣ ପରିବର୍ତ୍ତନ ଆସିଛି, ଓଡ଼ିଶାରେ ଜୈବ ଚାଷଜମିର ପରିମାଣରେ କେତେ ବୃଦ୍ଧି ଘଟିଛି, ସରକାର ଜୈବିକ କୃଷିର ପ୍ରସାର ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

### ଚାଉଳ ବଦଳରେ ଗହମ ଦେବା

***542 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଖାଦ୍ୟ ସୁରକ୍ଷା କମିଶନ ର କାମ କଣ, ଏହି କମିଶନରେ କେତେଜଣ ସଦସ୍ୟ ଅଛନ୍ତି ଓ ଖାଦ୍ୟର ନିଶ୍ଚିତ ସୁରକ୍ଷା ପାଇଁ ଏମାନଙ୍କ କ୍ଷମତା କଣ କହିବେ କି, ସେହିପରି ବାଲିଗୁଡା ନିର୍ବାଚନ ମଣ୍ଡଳୀରେ କେତେ ଲୋକ ରାସନ କାର୍ଡରେ ଚାଉଳ ବଦଳରେ ଗହମ ପାଇଁ ଆବଶ୍ୟକ କରୁଥିଲେ ତାକୁ ପ୍ରତିହତ କରିବା ପାଇଁ କେତେ ଗହମ ମିଳିବ?

----

## Transformer ଚାରିପାଖେ Boundary ବ୍ୟବସ୍ଥା

***543 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ବିଦ୍ୟୁତ ଗ୍ରାହକ ଅଛନ୍ତି ଏବଂ କେତେ ସଂଖ୍ୟକ Company ଗ୍ରାହକ ଅଛନ୍ତି, ସେଥିମଧ୍ୟରୁ ସାଧାରଣ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ କେତେ ଅର୍ଥ ବକେୟା ଅଛି ଏବଂ Company ଗ୍ରାହକଙ୍କ ଉପରେ କେତେ ଅର୍ଥ ବକେୟା ଅଛି, ଯେଉଁ ଯେଉଁ ଜାଗାରେ ନୂତନ Transformer କରାଯାଉଛି ତାହାର ଚାରିପଟେ Boundary ବ୍ୟବସ୍ଥା କରାଯିବା ପ୍ରତି ପଦକ୍ଷେପ ନେବେ କି ଗୋମାତା ଏବଂ ପଶୁମାନେ ଯେପରି Electric Current ର ଶିକାର ହୋଇ ମୃତ୍ୟୁବରଣ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବେ କି ?

----

## ସମବାୟ ସମିତିକୁ ଲାଭ ବାଦ କରିବା

***544 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ କେତେଗୋଟି ପ୍ରାଥମିକ ସେବା ସମବାୟ ସମିତି ଥିଲାବେଳେ ତନ୍ମଧ୍ୟରୁ କେତେଗୋଟି କ୍ଷତିରେ ଚାଲୁଅଛି, ତାହାକୁ ଲାଭଜନକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ମାଛ ଚାଷ ନିମନ୍ତେ ପ୍ରୋତ୍ସାହନ

***545 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟର କେଉଁ କେଉଁ ଜିଲ୍ଲାରେ Odisha Mineral Bearing Area Development Corporation (OMBADC) କାର୍ଯ୍ୟ କରୁଛନ୍ତି ଏବଂ ପୋଖରୀ ଖନନ କରୁଛନ୍ତି ? ବିଗତ ୫ ବର୍ଷରେ OMBADC ବିଭିନ୍ନ ଜିଲ୍ଲାରେ କେତେ ପୋଖରୀ ଖନନ କରିଛନ୍ତି – ଜିଲ୍ଲାୱାରୀ ତଥ୍ୟ ଦେବେ କି ? ଉକ୍ତ ପୋଖରୀଗୁଡ଼ିକ କିଛି ପୋଖରୀରେ ମାଛ ଚାଷ ହେଉଛି । ରାଜ୍ୟରେ ମାଛର ଉତ୍ପାଦନ ବୃଦ୍ଧି ନିମନ୍ତେ ଏପରି ଖନନ କରାଯାଇଥିବା ସମସ୍ତ ପୋଖରୀ ଗୁଡ଼ିକରେ ମାଛ ଚାଷ ନିମନ୍ତେ ପ୍ରୋତ୍ସାହନ ଦେବାର ପ୍ରସ୍ତାବ ସରକାରଙ୍କ ଅଛି କି? ଯଦି ହଁ, ଏହାର ସବିଶେଷ ତଥ୍ୟ ଦେବେକି ?

----

## ଉତ୍ପାଦିତ ସାମଗ୍ରୀ ବିକ୍ରୟ ପାଇଁ ବଜାର ସୃଷ୍ଟି

***546 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ଜିଲ୍ଲାରେ ସୂତା ଲୁଗା ବୁଣୁଥିବା ବୁଣାକାର ମାନଙ୍କର ଉତ୍ପାଦିତ ସାମଗ୍ରୀକୁ ବିକିବା ପାଇଁ ବଜାର ସୃଷ୍ଟି ଏବଂ ଉନ୍ନତମାନର ପ୍ରଶିକ୍ଷଣ ବାବଦରେ ସରକାର କି ପ୍ରକାର ପଦକ୍ଷେପମାନ ଗ୍ରହଣ କରାଯାଇଛି ?

----

## ଅଚଳ unit ଗୁଡିକ ସଚଳ କରିବା

***547 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

(କ) କୋରାପୁଟ ଜିଲ୍ଲାରେ କେତେ ଗୋଟି କ୍ଷୁଦ୍ର, ମଧ୍ୟମ, ସୂକ୍ଷ୍ମ ଉଦ୍ୟୋଗ ଥିଲା ସେଥିରୁ କେତେ ଅଚଳ ଅବସ୍ଥାରେ ଅଛି ଓ କେତେ ସଚଳ ଅବସ୍ଥାରେ ଅଛି ତାର ଏକ ବିବରଣୀ ପ୍ରଦାନ କରିବେ କି, (ଖ) ବର୍ତ୍ତମାନ ସଚଳ ଥିବା unit ଗୁଡିକରୁ କେତେ ଲୋକ ଉପକୃତ ହେଉଛନ୍ତି ଓ unit ଗୁଡିକ ଲାଭ କି କ୍ଷତିରେ ଚାଲୁଛି ତାର ବିବରଣୀ ପ୍ରଦାନ କରିବେକି ଏବଂ ଅଚଳ ହୋଇଥିବା unit ଗୁଡିକର ସ୍ଥିତାବସ୍ଥା କଣ ଓ ସେଗୁଡିକ ପୁନଃରୁଦ୍ଧାର କରିବାକୁ ପଦକ୍ଷେପ ନେବେ କି, ଯଦି ହଁ କେବେ ସୁଦ୍ଧା ତାହା ପୁନଃ କାର୍ଯ୍ୟକ୍ଷମ ହେବ ଯଦି ଉତ୍ତର ନାଁ, Lease ସୂତ୍ରରେ ଦିଆଯାଇଥିବା ଜମି ଓ Industrial Shed ଗୁଡିକ ସରକାର ଫେରାଇ ଆଣି ଅନ୍ୟ ଉଦ୍ୟୋଗ ମାନଙ୍କୁ ଦେବାପାଇଁ କି ବ୍ୟବସ୍ଥା ଅଛି ?

----

## ଖରିଫ ଋତୁରେ ସାର ଯୋଗାଣ

***548 ଶ୍ରୀ ନୀଳମାଧବ ହିକକା (ବିଷମ -କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚଳିତ ଖରିଫ ଋତୁରେ ରାୟଗଡ଼ା ଜିଲ୍ଲାରେ କେଉଁ କେଉଁ ସାର କେତେ ପରିମାଣରେ ଯୋଗାଣ ହୋଇଛି, ବିଷମକଟକ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକରେ କେତେ ଚାଷୀ ଅଛନ୍ତି ଏବଂ କେତେ ସାର ଯୋଗାଣ ହୋଇଛି, ବର୍ତ୍ତମାନ ବିଭିନ୍ନ ପ୍ରକାର ସାରର ଅଭାବ ଦେଖା ଦେଉଛି ? ବିଭିନ୍ନ ପ୍ରକାରର ସାର ସରକାରୀ ଦର ଓ ବେସରକାରୀ ଦର ମଧ୍ୟରେ ଅନେକ ପାର୍ଥକ୍ୟ ରହିବାର କାରଣ କଣ ସ୍ପଷ୍ଟ କରିବେ କି ?

----

## ଶୀତଳ ଭଣ୍ଡାର ଓ ଗୋଦାମ ଗୃହ ନିର୍ମାଣ

***549 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

ରାଜ୍ୟରେ କଟକ ସମେତ କେଉଁ କେଉଁ ସ୍ଥାନରେ ମାଲଗୋଦାମ ଓ ଭୁବନେଶ୍ୱରର ଆଇଗିଣିଆ ଆଳୁଗୋଦାମ ପରି କେତୋଟି ପରିବା ମାଲଗୋଦାମ ଚାଲୁଛି ଏବଂ ସେ ସବୁର ବାର୍ଷିକ କାରବାର କେତେ ଓ ସେସବୁ କେଉଁ ହାରରେ ବଢୁଛି, ଖାଉଟିମାନେ ଯେପରି ସୁବିଧାରେ ଖାଦ୍ୟ ସାମଗ୍ରୀ ପାଇବେ ଓ ଯୋଗାଣ ଶିକୁଳି ଯେପରି ସୁବ୍ୟବସ୍ଥିତ ରହିବ,ସେଥିଲାଗି ମାଲଗୋଦାମ ଗୁଡିକର ସୁଦୃଢିକରଣ ପାଇଁ ଏବଂ ରାଜ୍ୟର ବିଭିନ୍ନ ଅଂଚଳରେ ନୂଆ ମାଲଗୋଦାମ, ବଡ ହାଟ ଓ ପରିବା ବ୍ୟବସାୟ କେନ୍ଦ୍ର ପ୍ରତିଷ୍ଠା ସକାଶେ ଏବଂ ତାକୁ ସାହାଯ୍ୟ କରିବା ଲାଗି ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ ଲାଗି ସରକାର କି ପଦକ୍ଷେପ ନେଉଛନ୍ତି ?

----

## ଉପଭୋକ୍ତା ମାନଙ୍କରେ ସ୍ମାର୍ଟ ମିଟର ଲାଗିବା

*550 **ଶ୍ରୀ ସିଦ୍ଧାନ୍ତ ମହାପାତ୍ର (ଦିଗପହଣ୍ଡି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଟାଟା ପାୱାର ଅଧୀନରେ କେତେ ଉପଭୋକ୍ତା ରହିଛନ୍ତି? ତନ୍ମଧ୍ୟରୁ କେତେ ଉପଭୋକ୍ତାଙ୍କର ସ୍ମାର୍ଟ ମିଟର ଲାଗିଛି? ଯେଉଁମାନଙ୍କର ସ୍ମାର୍ଟ ମିଟର ଲାଗିନାହିଁ, ସେହି ଉପଭୋକ୍ତାଙ୍କୁ ମାସିକ ଡିମାଣ୍ଡ ଚାର୍ଜ କରୁଛନ୍ତି କି? ଯଦି କରୁଛନ୍ତି, ତାହାର ପରିମାପ କଣ?

----

## ପ୍ରତ୍ୟେକ ଉପଖଣ୍ଡରେ ଶୀତଳଭଣ୍ଡାର ପ୍ରତିଷ୍ଠା

*551 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ପ୍ରତ୍ୟେକ ଉପଖଣ୍ଡରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସତ୍ୟବାଦୀ ଓ କଣାସ ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ବ୍ୟବସ୍ଥା କରିବେକି?

----

## କଟକ ଜିଲ୍ଲାରେ ଥିବା ଦୁଗ୍ଧ ଚାଷୀ

*552 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କଟକ ଜିଲ୍ଲାରେ ଦୁଗ୍ଧ ଚାଷୀମାନଙ୍କୁ ଗାଈ ଯୋଗାଇ ଦେବାର ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଦୁଗ୍ଧ ସଂଗ୍ରହ ପାଇଁ ପଦକ୍ଷେପମାନ ନିଆଯାଇଛି, କଟକ ଜିଲ୍ଲାରେ କେଉଁ ବ୍ଲକରେ କେତେ ଦୁଗ୍ଧଚାଷୀ ଅଛନ୍ତି ?

----

## ହସ୍ତତନ୍ତ କାରୀଗରମାନଙ୍କୁ ପ୍ରୋତ୍ସାହିତ

*553 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଖୋର୍ଦ୍ଧା ଜିଲ୍ଲାରେ ହସ୍ତତନ୍ତ କାରୀଗରମାନଙ୍କୁ ପ୍ରୋତ୍ସାହିତ କରି ବସ୍ତ୍ର ବୟନରେ ନିୟୋଜିତ ପୂର୍ବକ ହସ୍ତତନ୍ତ ବସ୍ତ୍ର ଉତ୍ପାଦନ ବୃଦ୍ଧି ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## SFRUTI ଯୋଜନାରେ କ୍ଲଷ୍ଟର ଖୋଲିବା

***554 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କ) ରାଜ୍ୟର କେଉଁ ଜିଲ୍ଲାରେ କେଉଁ ବୟନ ମଣ୍ଡଳ ଅଧିନରେ ବିଗତ ୫ବର୍ଷ ମଧ୍ୟରେ କେତୋଟି "SFRUTI" ଯୋଜନାର କ୍ଲଷ୍ଟର ଖୋଲିଛି, ତାହାର ଜିଲ୍ଲାୱାରୀ ଏକ ତାଲିକା ଦେବା ସହ, ଏହି କ୍ଲଷ୍ଟର ଅଧିନରେ କେଉଁ ବର୍ଷ କେତେ ବୁଣାକାର କେଉଁ ଯୋଜନାରେ ଉପକୃତ ହୋଇଛନ୍ତି ଏବଂ କେତେ ଆର୍ଥିକ କାରବାର ହୋଇଥିଲା ତାହାର ବର୍ଷୱାରୀ ବୁଣାକାର ମାନଙ୍କର ଏକ ତଥ୍ୟ ଭିତ୍ତିକ ତାଲିକା ପ୍ରଦାନ କରିବେ କି ; ଏବଂ (ଖ) ଏହି କ୍ଲଷ୍ଟର ମାନଙ୍କର Cluster Development Executive ଚୟନ ପାଇଁ ନିୟମାବଳୀ କ'ଣ ରହିଛି ଏବଂ କେତେଜଣ CDE କେଉଁଠାରେ କାର୍ଯ୍ୟରତ ଅଛନ୍ତି ଜଣାଇବା ସହ ତନ୍ମଧ୍ୟରୁ କେତେଜଣ CDE ଥାଇ ମଧ୍ୟ ଅନ୍ୟ ସଂସ୍ଥାରେ ନିଯୁକ୍ତି ପାଇ double କାର୍ଯ୍ୟ କରୁଥିବା ସତ୍ୟ କି ; ଯଦି ଉତ୍ତର ହଁ ହୁଏ, ତେବେ ଏହା କିପରି ଗ୍ରହଣଯୋଗ୍ୟ ଓ ଏହା ସରକାରଙ୍କର ନିୟମ ବର୍ହିଭୁକ୍ତ ନୁହେଁ କି ; ତେଣୁ ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାଇବେ କି ?

----

## ଶୀତଳ ଭଣ୍ଡାର ମରାମତି କରିବା

***555 ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସଦର ନିର୍ବାଚନ ମଣ୍ଡଳୀ 42 ମୌଜା ଠାରେ ଥିବା ଏସିଆର ବୃହତ୍ତମ ଶୀତଳ ଭଣ୍ଡାର କାହିଁକି ଚାଲୁ ହୋଇପାରୁନାହିଁ ଏହାର ଉତ୍ତର ରଖିବେ କି, ଏହା ପାଇଁ ବହୁ ସଂଖ୍ୟାରେ ଚାଷୀ ହଇରାଣ ହେଉଛନ୍ତି, ଏହାକୁ ମରାମତି କିମ୍ୱା ଚାଲୁ କରିବା ପାଇଁ କେଉଁ ପ୍ରକାର ପଦକ୍ଷେପ ନେଉଛନ୍ତି ?

----

## Pending of Ration Card

***556 ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(a) What is the current number of pending Ration Card applications from Barabati, Cuttack constituency? (b) What is the expected timeline for processing these pending applications? What steps has the government taken to expedite the processing of Ration Card applications in this constituency?

----

## 220/132/33 K.V. line କାର୍ଯ୍ୟ ତୁରନ୍ତ ଶେଷ କରିବା

***557 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ଜୁନାଗଡ ନିର୍ବାଚନ ମଣ୍ଡଳୀର ବାନେର ଅଞ୍ଚଳରୁ ଜୁନାଗଡକୁ ସଂଯୋଗ କରିବା ପାଇଁ 220/132/33 K.V. line OPTCL ଦ୍ୱାରା କାର୍ଯ୍ୟ ହାତକୁ ନିଆଯାଇଥିବା ସତ୍ତ୍ୱେ ଦୀର୍ଘ ଦିନ ଧରି ଏହାର କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଲୋକମାନେ ଏହାର ସୁଫଳ କେବେ ପାଇବେ ଓ ଏହି କାର୍ଯ୍ୟ କେବେ ସରିବ ସରକାର କହିବେ କି ?

----

## ପ୍ରତି ଜିଲ୍ଲାରେ କେନ୍ଦ୍ର ସମବାୟ ବ୍ୟାଙ୍କ ଖୋଲିବା

***558 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ସରକାର ପ୍ରତି ଜିଲ୍ଲାରେ କେନ୍ଦ୍ର ସମବାୟ (ଜିଲ୍ଲା) ବ୍ୟାଙ୍କ ଖୋଲିବା ପାଇଁ ନୀତିଗତ ନିଷ୍ପତ୍ତି ନେଇଛନ୍ତି କି; ଯଦି ଉତ୍ତର ହଁ ହୁଏ, ତେବେ ସୋନପୁର ଠାରେ ଅତି ଶିଘ୍ର DCCB ଖୋଲିବା ପାଇଁ ନିଷ୍ପତ୍ତି ନେବେ କି ?

----

## ବାଲେଶ୍ୱର ଠାରେ ମତ୍ସ୍ୟ ପ୍ରକ୍ରିୟା କେନ୍ଦ୍ର ଖୋଲିବା

***559 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ସମଗ୍ର ଓଡ଼ିଶାରେ ମଧୁର, ଖାର ଓ ସାମୁଦ୍ରିକ ଜଳରୁ ପାଖାପାଖି ୧୧ଲକ୍ଷ ଟନ ମତ୍ସ୍ୟ ଉତ୍ପାଦିତ ହେଉଥିବା ବେଳେ ବାଲେଶ୍ୱରରେ ଏହାର ପରିମାଣ କେତେ ଓ ଏହା ମୋଟ ମତ୍ସ୍ୟ ଉତ୍ପାଦନର କେତେ ଶତକଡା, ଏବଂ ଚିଙ୍ଗୁଡି ଉତ୍ପାଦନରେ ବାଲେଶ୍ୱର ଅଗ୍ରଣୀ ଜିଲ୍ଲା ହୋଇଥିବାରୁ ଏଠାରେ ଏକ ସରକାରୀ ମତ୍ସ୍ୟ ପ୍ରକ୍ରିୟା କେନ୍ଦ୍ର ତଥା ଲାବୋରେଟୋରୀ ଖୋଲିବା ପାଇଁ ସରକାର କ'ଣ ପଦକ୍ଷେପ ନେବେ କହିବେ କି, ଏବଂ (ଖ) ଚିଙ୍ଗୁଡ଼ିକୁ ଚାଷୀ ପାଖରୁ କମ ଦରରେ ନେଇ ବାହାରେ ଚଢା ଦରରେ ବିକ୍ରି ହେଉଥିବା ବେଳେ ଧାନ ଭଳିଆ ଚିଙ୍ଗୁଡ଼ିରେ ମଧ୍ୟ MSP ସଦୃଶ୍ୟ ଚିଙ୍ଗୁଡ଼ି କ୍ରୟର ଦର ନିର୍ଦ୍ଧାରଣ ବ୍ୟବସ୍ଥା କରି ଗରିବ ଚାଷୀ ମାନଙ୍କୁ ଅଭାବୀ ବିକ୍ରି ଓ ଠକେଇରୁ ସରକାର ରକ୍ଷା କରିବା ସହିତ ଏହା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ?

----

## ଟସର ହବ ପ୍ରତିଷ୍ଠା

***560 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

କେନ୍ଦୁଝର ଜିଲ୍ଲାର କେଉଁ କେଉଁ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଓ ଟସର ତନ୍ତୁବାୟ ସହଯୋଗ ସମିତି ମାଧ୍ୟମରେ କେତେଜଣ ବୁଣାକାର ସଭ୍ୟଭୁକ୍ତ ହୋଇ ବସ୍ତ୍ର ବୟନରେ ନିୟୋଜିତ ଅଛନ୍ତି, ବିଗତ ତିନି ବର୍ଷରେ କେତେ ଟସର ବସ୍ତ୍ର ଉତ୍ପାଦିତ ହୋଇଛି, ଉତ୍ପାଦିତ ବସ୍ତ୍ରର ବଜାର ବ୍ୟବସ୍ଥା ପାଇଁ କେଉଁଠାରେ ଟସର ହବ୍ ପ୍ରତିଷ୍ଠା ହୋଇଛି, ଏବଂ ଭାରତର ଟସର ଶିଳ୍ପ ମାନଚିତ୍ରରେ କେନ୍ଦୁଝରକୁ ସ୍ଥାନିତ କରିବା ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ମେଗା ଫୁଡ଼ ପାର୍କ ନିର୍ମିତି

*561 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାୟଗଡା ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ସହଯୋଗ ହୋଇଥିବା ମେଗା ଫୁଡ଼ ପାର୍କ ପ୍ରୋଜେକ୍ଟ ଭାରତ ସରକାରଙ୍କ ଖାଦ୍ୟ ପ୍ରକ୍ରିୟା କରଣ ମନ୍ତ୍ରଣାଳୟ ଦ୍ୱାରା ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱରେ ଆଜିକୁ ୧୨ ବର୍ଷ ପୂର୍ବେ ନିର୍ମିତ ହେଇଛି । ତାହା ଚାଷୀଙ୍କ ବ୍ୟବହାର ଉପଯୋଗୀ ହୋଇ ପାରୁଛି କି ; ଆଗାମୀ ସମୟରେ ସରକାର ସେହି ପ୍ରୋଜେକ୍ଟ ଉପରେ କିଛି ଯୋଜନା ରଖିଛନ୍ତି କି, ସରକାର ଦେଇଥିବା ଅନୁଦାନ ସଠିକ ମାର୍ଗରେ ଖର୍ଚ୍ଚ କରାଯାଇଛି କି, ଅବଗତ କରାଇବେ କି ?

----

## ହଳଦୀ ଚାଷୀଙ୍କୁ ପ୍ରୋତ୍ସାହନ

*562 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ କେଉଁ ଜିଲ୍ଲାରେ କେଉଁ କିସମର ହଳଦୀ ଚାଷ ବ୍ୟାପକ ଭାବରେ ହେଉଛି, କେନ୍ଦ୍ର ସରକାର ଏହି ଚାଷ ପାଇଁ କିପରି ମାନ୍ୟତା ଦେଇଛନ୍ତି, ରାଜ୍ୟରୁ ଦେଶର ଅନ୍ୟ ରାଜ୍ୟ ତଥା ବିଦେଶକୁ ରପ୍ତାନୀ କରାଯିବା ପାଇଁ ଚାଷୀମାନଙ୍କୁ ସରକାର କ'ଣ ପ୍ରୋତ୍ସାହନ ଦେଇଛନ୍ତି ?

----

## ରାସନକାର୍ଡର ଇ-ଯାଞ୍ଚ ପ୍ରକ୍ରିୟା

*563 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ କେବେଠାରୁ ରାସନକାର୍ଡର ଇ-ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ ? କେଉଁ ଆଧାରରେ ଏହି ଯାଞ୍ଚ ହେବ ଏବଂ ଏଥି ସହିତ ଆଧାରକାର୍ଡ ଲିଙ୍କ୍ ହେବ କି ? ବର୍ତ୍ତମାନ କେତେ ସଂଖ୍ୟକ ରାସନକାର୍ଡରେ ଆଧାର ସଂଯୋଗ ରହିଛି ଏବଂ ଝାରସୁଗୁଡା ଜିଲ୍ଲାରେ କେତେ ସଂଖ୍ୟକ ରାସନକାର୍ଡଧାରୀ ରହିଛନ୍ତି ଏବଂ କେତେ ସଂଖ୍ୟକ କାର୍ଡରେ ଆଧାର ସଂଯୋଗ ରହିଛି ?

----

## ଅକ୍ଷୟ ଶକ୍ତି ମାଧ୍ୟମରେ ବିଦ୍ୟୁତ କରଣ

*564 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବଲାଙ୍ଗୀର ଜିଲ୍ଲାରେ ଅଦ୍ୟାବଧି କେଉଁ ବ୍ଲକର କେତେଗୋଟି ଦୁର୍ଗମ ଗ୍ରାମ ବିଦ୍ୟୁତକରଣରୁ ବଞ୍ଚିତ ହୋଇଛି, ପ୍ରକାଶ କରି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ମାଧ୍ୟମରେ ସୌରଶକ୍ତି ଦ୍ୱାରା ଉକ୍ତ ଗ୍ରାମକୁ ବିଦ୍ୟୁତକରଣ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଅର୍ବାନ କୋ. ଅପରେଟିଭ୍ ବ୍ୟାଙ୍କର Secretary ନିଯୁକ୍ତି

*565 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଉରକେଲା ଅର୍ବାନ କୋ. ଅପରେଟିଭ୍ ବ୍ୟାଙ୍କର ବର୍ତ୍ତମାନ କାର୍ଯ୍ୟରତ ସେକ୍ରେଟାରୀ ଉକ୍ତ ପଦବୀ ନିମନ୍ତେ ରିଜର୍ଭ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ଥିବା ସର୍ତ୍ତାବଳୀକୁ ପୂରଣ କରୁଛନ୍ତି କି, ଓଡ଼ିଶା ସମବାୟ ସମିତି ନିୟମ (Act) ଅନୁସାରେ ତାଙ୍କର ପଦବୀ ଓ ଦରମା ଇତ୍ୟାଦି ଏବଂ ବ୍ଲକର ସର୍ତ୍ତାବଳୀ ପ୍ରସ୍ତୁତ, ରେଜିଷ୍ଟ୍ରାର ସମବାୟ ସମିତି, ଓଡ଼ିଶାଙ୍କ ଦ୍ୱାରା ସ୍ୱିକୃତ ହୋଇଅଛି କି, ଯଦି ନାହିଁ ତେବେ ସରକାର ଏ ପ୍ରକାର ଅନିୟମିତତା ପାଇଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଏବଂ ଜଣେ ଉପଯୁକ୍ତ ସରକାରୀ ଅଧିକାରୀଙ୍କୁ ଏହି ବ୍ୟାଙ୍କର ସେକ୍ରେଟାରୀ ନିଯୁକ୍ତି ଦିଆଯିବା ପାଇଁ ସରକାର ବିଚାର କରିବେ କି ?

----

## ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ

*566 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଣ୍ଡାରୀପୋଖରୀ ଓ ବନ୍ତ ବ୍ଲକରେ ବିଗତ ତିନି ବର୍ଷରେ କେତେ ଦୁଗ୍ଧ ଉତ୍ପାଦିତ ହୋଇଛି, ପ୍ରକାଶ କରି ଏହି ଦୁଇ ବ୍ଲକରେ ଦୁଗ୍ଧଚାଷୀ ମାନଙ୍କୁ ପ୍ରୋତ୍ସାହିତ କରି ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମୟୂରଭଞ୍ଜ ଜିଲ୍ଲାରେ ଥିବା ତନ୍ତୁବାୟ ଓ ଟସର ତନ୍ତୁବାୟ

*567 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

(କ) ମୟୂରଭଞ୍ଜ ଜିଲ୍ଲାର କେତେଗୋଟି ତନ୍ତୁବାୟ, ଟସର ତନ୍ତୁବାୟ ଏବଂ ହସ୍ତଶିଳ୍ପ ସମିତି ଅଛି ଏବଂ ସେମାନଙ୍କୁ ସରକାରଙ୍କ ତରଫରୁ କେଉଁ ପ୍ରକାର ସାହାଯ୍ୟ ପ୍ରଦାନ କରାଯାଇଅଛି ତା'ର ବ୍ଲକ wise ତାଲିକା ପ୍ରଦାନ କରିବେ କି ; (ଖ) ବାଙ୍ଗିରିପୋଷି, କୁଳିଅଣା ଏବଂ ଶ୍ୟାମାଖୁଣ୍ଟା ବ୍ଲକରେ ସମସ୍ତ ତନ୍ତୁବାୟ ସମିତିକୁ ଦୃଷ୍ଟିରେ ରଖି ତନ୍ତୁବାୟ ସମିତି ଥିବା ସ୍ଥାନରେ ହସ୍ତତନ୍ତ ଶିଳ୍ପ ଏବଂ Training Institute ପ୍ରତିଷ୍ଠା କରିବା ତତସହିତ ସମିତିରେ ଥିବା ସଭ୍ୟ/ ସଭ୍ୟା ମାନଙ୍କ ପାଇଁ ପକ୍କାଘର, ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ସେମାନଙ୍କ ପିଲାମାନଙ୍କର ଉଚ୍ଚ ଶିକ୍ଷା ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି କି ?

----

## ସରକାରଙ୍କ ଅନୁଦାନ ଚାଲୁଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

*୫୬୮ **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ପୁରୀ ନିର୍ବାଚନ ମଣ୍ଡଳୀରେ ଗତ ତିନିବର୍ଷ ମଧ୍ୟରେ କେତୋଟି ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସରକାରଙ୍କ ଅନୁଦାନରେ ହୋଇଛି ତା'ର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବାକରିବେକି, ଏବେସୁଦ୍ଧା କେତେ ଦରଖାସ୍ତ Pending ପଡିଛି ଓ ଏହା କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ସବୁଜ ବିପ୍ଳବର ଲାଭକ୍ଷତି

*୫୬୯ **ଶ୍ରୀ ମନୋହର ରନ୍ଧାରି (ଡାବୁଗାଁ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ରାଜ୍ୟରେ ସବୁଜ ବିପ୍ଳବର ଆବଶ୍ୟକତା ଅଛି କି, ସବୁଜ ବିପ୍ଳବ ଦ୍ୱାରା କି କି ଲାଭ ଓ କି କି କ୍ଷତି ହୁଏ କହିବେ କି; ସବୁଜ ବିପ୍ଳବ ଦ୍ୱାରା ଚାଷଜମିର ଅବନତି ଭୂତଳ ଜଳ ହ୍ରାସ, ମୃତ୍ତିକାର ଉର୍ବରତା ହ୍ରାସ ଏବଂ ଜୈବ ବିବିଧତା କେମିତି କିପରି ପ୍ରଭାବିତ ହୋଇଥାଏ ଓ ଏହାର ମୁକାବିଲା ପାଇଁ ସରକାର ବ୍ୟବସ୍ଥା କରିବେ କି; କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସରକାରଙ୍କର କି କି ଯୋଜନା ସବୁ କାର୍ଯ୍ୟକାରୀ ହେଉଛି ?

----

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଧାନ ସଂଗ୍ରହ

*570 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-

ବିଗତ ୩ ବର୍ଷ ମଧ୍ୟରେ କେତେଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS), ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା କେତେ ପରିମାଣର ଧାନ ଉଭୟ ଖରିଫ୍ ଓ ରବି ଋତୁରେ ସଂଗ୍ରହ କରାଯାଇଛି ଓ ଏ ବାବଦରେ ପ୍ରତ୍ୟେକ ବର୍ଷ କେତେ ଟଙ୍କା ଚାଷିଙ୍କୁ ଦିଆଯାଇଛି ତାର ବର୍ଷ, ଜିଲ୍ଲା ଓ ବ୍ଲକଓ୍ୱାରୀ ତଥ୍ୟ ପ୍ରଦାନ କରିବେ କି ; ଚଳିତ ବର୍ଷ ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟତା ମୂଲ୍ୟରେ ଧାନ ସଂଗ୍ରହ ପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ; ନୂତନ ଭାବେ ଗଠନ ହୋଇଥିବା PACS ଗୁଡିକୁ ଚଳିତ ବର୍ଷଠାରୁ ଧାନ ସଂଗ୍ରହ ପ୍ରକ୍ରୀୟାରେ ସାମିଲ କରିବା ପାଇଁ ସରକାର ସ୍ଥିର କରିଥିଲେ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି?

----